# ଆଦିବାସୀ ମେଳାର ଅଷ୍ଟମ ସଂଧ୍ୟା : ୦୨.୦୨.୨୦୧୦

ଆଜି ଥିଲା ରାଜ୍ୟସ୍ତରୀୟ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବର ଅଷ୍ଟମ ସଂଧ୍ୟା । ଏହି ସଂଧ୍ୟାରେ ସମ୍ମାନିତ ଅତିଥି ହିସାବରେ ସମ୍ମାନିତ ଅତିଥି ମାନ୍ୟବର ମନ୍ତ୍ରୀ ଓଡ଼ିଶାର ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ପାତ୍ର, ବିଧାୟିକା ଶ୍ରୀମତୀ ସରୋଜିନୀ ହେମ୍ବ୍ରମ, ବିଧାୟକ ଶ୍ରୀଯୁକ୍ତ ବିଜୟ କୁମାର ନାୟକ, ବିଧାୟକ ଶ୍ରୀଯୁକ୍ତ ରାମଚନ୍ଦ୍ର ହାଂସଦା ଏବଂ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ବଳଭଦ୍ର ମାଝି ଯୋଗଦାନ କରିଥିଲେ । ସାନ୍ଧ୍ୟ ଅଧିବେଶନ ଆରମ୍ଭରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ସଦସ୍ୟ ସଚିବ ତଥା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓଟା ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ଆଦିବାସୀ ମେଳାର ମହତ୍ତ୍ୱ ଉପରେ ତାଙ୍କ ମନ୍ତବ୍ୟ ଦେଇ ଆଗାମୀ ଦିନମାନଙ୍କରେ ମେଳାର ସଫଳତା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଅଭିଭାଷଣ ପ୍ରସଂଗରେ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ବଳଭଦ୍ର ମାଝି କହିଥିଲେ ଭୁବନେଶ୍ୱରବାସୀ ଏହି ମେଳା ଦ୍ୱାରା ଆଦିବାସୀମାନଙ୍କ ସଭ୍ୟତା ଓ ସଂସ୍କୃତି ସହିତ ନିଜକୁ ମିଶାଇବାର ସୁଯୋଗ ପାଉଛନ୍ତି । କଥା ପ୍ରସଂଗରେ ସେ କହିଥିଲେ ଶିକ୍ଷାର ବିକାଶ ହେଲେ ଜନଜାତିମାନଙ୍କର ସଭ୍ୟତା ଓ ସଂସ୍କୃତିର ବିକାଶ ସମ୍ଭବ ହେବ ।

ସଂଧ୍ୟାର ଅନ୍ୟତମ ଅତିଥି ବିଧାୟିକା ସୁଶ୍ରୀ ସରୋଜିନୀ ହେମ୍ବ୍ରମ ବକ୍ତବ୍ୟ ପ୍ରସଂଗରେ କହିଥିଲେ ଏଇ ମେଳା ଏକ ମହୋତ୍ସବ । ଏହାର ସ୍ୱତନ୍ତ୍ରତା ଅଛି । ଜନଜାତିମାନଙ୍କର ଆର୍ଥିକ, ସାମାଜିକ, ସାଂସ୍କୃତିକ ଓ ଶୈକ୍ଷିକ ବିକାଶ ନିମନ୍ତେ ସରକାର ଉଦ୍ୟମ କରୁଛନ୍ତି । ଜନଜାତିମାନଙ୍କ ଦ୍ରବ୍ୟର ବିକ୍ରିବଟା ନିମନ୍ତେ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଅନ୍ୟତମ ଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ବିଜୟ କୁମାର ନାୟକ ତାଙ୍କ ବକ୍ତବ୍ୟ ଉପସ୍ଥାପନ ଛଳରେ କହିଥିଲେ ଜାତି ବଞ୍ଚିଲେ ସଂସ୍କୃତି ବଞ୍ଚିବ । ଆମେ ପୂର୍ବ ସଂସ୍କୃତିକୁ ଭୁଲି ଯାଉଛେ । ହୋ, ବାଥୁଡ଼ି, ଗଣ୍ଡ ଆଦିର ମୂଳ ସଂସ୍କୃତି ତା'ର ସତ୍ତା ହରେଇଛି । ଆଦିବାସୀ ସଂସ୍କୃତି, ପରଂପରା, ପୂଜାବିଧି, ଐତିହ୍ୟ ବଞ୍ଚିରହିଲେ ଜନଜାତି ସଂସ୍କୃତି ବଞ୍ଚିରହିବ ।

ମାନ୍ୟବର ଅତିଥି ବିଧାୟକ ଶ୍ରୀଯୁକ୍ତ ରାମଚନ୍ଦ୍ର ହାଂସଦା କହିଲେ ଆଦିବାସୀମାନେ ଅଦ୍ୟାବଧି ନିଜର ପରିଚୟ ସୃଷ୍ଟି କରିପାରିନାହାନ୍ତି । ଭାଷାଗତ, ସାଂସ୍କୃତିକ ପରିଚୟ ତିଆରି କରିବା ଦରକାର । ଆଦିବାସୀର ସାଂସ୍କୃତିକ ଓ ଧର୍ମୀୟ ପରଂପରା ଅକ୍ଷୁର୍ଣ୍ଣ ରଖିବା ଆବଶ୍ୟକ । ନିଜର ବିକାଶ ନିଜ ଗୋଡ଼ରେ ନ କଲେ ତାହା ସଂପୂର୍ଣ୍ଣ ବିକାଶ ସମ୍ଭବ ହୋଇପାରିବ ନାହିଁ । ଜାହିରାଗୁଡ଼ିକୁ ଦେବସ୍ଥଳୀର ମାନ୍ୟତା ଦେଲେ ବନ୍ୟସମ୍ପଦର ସୁରକ୍ଷା ହୋଇପାରିବ । ନିଜର ଅସ୍ତିତ୍ୱ ଖୋଜି ବାହାର କରିବାର ଆବଶ୍ୟକତା ଆଦିବାସୀମାନଙ୍କର ରହିଛି ।

ଅନ୍ୟତମ ସମ୍ମାନିତ ଅତିଥି ମାନ୍ୟବର ଓଡ଼ିଶାର ରାଜସ୍ୱ ଏବଂ ବିପର୍ଯ୍ୟୟ ବ୍ୟବସ୍ଥାପନ ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ପାତ୍ର ତାଙ୍କ ବକ୍ତବ୍ୟ ପ୍ରସଂଗରେ ଆଦିବାସୀ ମେଳାର ଐତିହ୍ୟ ଉପରେ ମନ୍ତବ୍ୟ ଦେଇ କହିଥିଲେ ଓଡ଼ିଶା ଆଦିବାସୀ ବହୁଳ ଅଞ୍ଚଳ । ଆଦିବାସୀମାନେ ଆଦିମ ଅଧିବାସୀ । ଓଡ଼ିଶାର ବହୁ ଅଞ୍ଚଳର ଅଧିକାଂଶ ଲୋକ ଆଦିବାସୀ । ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଓ ସାଂସ୍କୃତିକ କ୍ଷେତ୍ରରେ ଆଦିବାସୀମାନେ ପଛୁଆ ଅଛନ୍ତି । ଆଦିବାସୀମାନେ ଜଙ୍ଗଲ ଶିଳ୍ପ ଉପରେ ନିର୍ଭର କରି ନିଜର ଜୀବନ ଜୀବିକା ନିର୍ବାହ କରନ୍ତି । ସରକାର ଆଦିବାସୀମାନଙ୍କ ନିମନ୍ତେ ଜଙ୍ଗଲ ଅଧିକାର ଆଇନ ୨୦୦୬ ପ୍ରଣୟନ କରିବା ସ୍ୱାଗତଯୋଗ୍ୟ । ଏହା ଆଦିବାସୀମାନଙ୍କର ସାମାଜିକ ବିକାଶରେ ସହାୟକ ହେବ । ବାଳିକା ଶିକ୍ଷାର ବିକାଶ / ଛାତ୍ରୀ ନିବାସ ନିର୍ମାଣ / ଝିଅମାନଙ୍କୁ ସାଇକେଲ ଯୋଗାଣ ଆଦି ପଦକ୍ଷେପଗୁଡ଼ିକ ବାଳିକା ଶିକ୍ଷା ବିକାଶରେ ମଧ୍ୟ ସହାୟକ ହୋଉଛି ।

ଏହାପରେ ଧନ୍ୟବାଦ ଅର୍ପଣ ଉପରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଅଧିନସ୍ଥ ଆଦିବାସୀ ଶିକ୍ଷା କମ୍ପ୍ଲେକ୍ସର କୁନି କୁନି ଡଙ୍ଗରିଆ କନ୍ଧ ଝିଅମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଓ ଲୋଧା ଉନ୍ନୟନ ସଂସ୍ଥା ଅଧିନସ୍ଥ ଶିକ୍ଷା କମ୍ପ୍ଲେକ୍ସର ଲୋଧା ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ଛଉ ନୃତ୍ୟ । K.I.S.S. ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସଚେତନତା ଧର୍ମୀ ନାଟିକା ଦର୍ଶକମାନଙ୍କର ଉପଭୋଗ୍ୟ ହୋଇଥିଲା ।